## ଓଡିଶା ସରକାର

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

**ଭୁବନେଶ୍ୱର ମହାନଗର ନିଗମ ଓ ବ୍ଲକରେ ଚାଲୁଥିବା PDS ହିତାଧିକାରୀ ଚୟନ ପ୍ରକ୍ରିୟା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ 2013 ଆଧାରରେ ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ବ୍ଲକରେ PDS ହିତାଧିକାରୀ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ପରିବାରଙ୍କ ପଞ୍ଜିକରଣ ସେପ୍ଟେମ୍ବର **22 ରୁ 30** ତାରିଖ ମଧ୍ୟରେ ସମାପନ କରାଯିବ । ପ୍ରତ୍ୟେକ ୱାର୍ଡ ଓ ପଞ୍ଚାୟତ ପାଇଁ ନିର୍ଦ୍ଧାରିତ କେନ୍ଦ୍ରରେ ଉପସ୍ଥିତ ହୋଇ ଯୋଗ୍ୟ ପରିବାରର ପ୍ରତିନିଧି ତାଙ୍କର ପଞ୍ଜିକରଣ କରାଇ ଆବେଦନ ପତ୍ର ଦାଖଲ କରିବାର ଅଗ୍ରୀମ ତାରିଖ ଲେଖାଥିବା ଗୋଟିଏ ଟୋକନ ଓ ଆବେଦନ ପତ୍ର ଗ୍ରହଣ କରିବେ । ଆବଶ୍ୟକ ପଞ୍ଜିକରଣ କରାଇ ଟୋକନ ଗ୍ରହଣ କରିଥିବା ପରିବାର ଅକ୍ଟୋବର **8 ରୁ 22** ମଧ୍ୟରେ ଦିଆଯାଇଥିବା ତାରିଖରେ ଟୋକନ ଗ୍ରହଣ କରିଥିବା କେନ୍ଦ୍ରରେ ଆବେଦନ ପତ୍ର ଦାଖଲ କରିପାରିବେ ।

କେନ୍ଦ୍ରରେ ଆବେଦନ ପତ୍ର ମହଜୁଦ ନ ଥିଲେ, ପରିବାରର ପଞ୍ଜିକରଣ କରାଇ ଟୋକନ ଗ୍ରହଣ କରିବା ଦରକାର । ଆବେଦନ ପତ୍ର ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ୱେବସାଇଟ (www.foododisha.in) ର "e-Bitaran" ଏବଂ "NFSA, 2013 ରେସନ କାର୍ଡ" ରେ ଉପଲବ୍ଧ । ଏହା ବ୍ୟତୀତ ପଞ୍ଜିକୃତ ପରିବାର ଆବେଦନ ପତ୍ରର ଫଟୋକପି ( Xerox Copy) ମଧ୍ୟ ବ୍ୟବହାର କରିପାରିବେ । ସଠିକ ତଥ୍ୟ ଦ୍ୱାରା ପୂରଣ ହୋଇଥିବା ଆବେଦନ ପତ୍ର ଓ ଅଗ୍ରୀମ ଟୋକନ ସହ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ଦାଖଲ କରି କେନ୍ଦ୍ରରୁ ପ୍ରାପ୍ତି ସ୍ୱୀକାର ପତ୍ର ଗ୍ରହଣ କରିବା ଆବଶ୍ୟକ ।

**ମନେରଖନ୍ତୁ, ପଞ୍ଜିକରଣ ହୋଇନଥିବା ପରିବାରଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।**

ଯୁଗ୍ମ ଶାସନ ସଚିବ